

ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଚତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଦପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁଣ୍ଟ ଭଚନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସମ୍ପାଦକୀୟ

ଟିକସ ହ୍ରାସ ବିକଳ୍ପ

ପ୍ରାୟ ପ୍ରତ୍ୟେକ ଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଁ ସର୍ବାଧିକ ସ୍ତରରେ ପହଞ୍ଚିଲାଣି। ସାଧାରଣ ଲୋକ ଏହି ବୋଝ ସମ୍ଭାଳିବା ଅବସ୍ଥାରେ ନାହାନ୍ତି। ବିମୁଦ୍ରାୟନ ସଂକଟ ପରେ ଜିଏସ୍‌ଟିର ଚାପରେ ଲୋକେ ଅତିଷ୍ଠ ହୋଇ ପଡିଥିବା ବେଳେ ପେଟ୍ରୋଲ ଓ ଡିଜେଲର କ୍ରମାଗତ ଦରବୃଦ୍ଧି ବୋଝ ଉପରେ ଲଳିତା ବିଡ଼ା ସଦୃଶ ହେଲାଣି। ପେଟ୍ରୋଲ ଦର ଲିଟର ପିଛା ପାଖାପାଖି ୭୫ ଟଙ୍କା ଓ ଡିଜେଲ ଦର ୬୬ ଟଙ୍କାରେ ପହଂଚିଲାଣି। ଏଥିପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ଆଦୌ ଚିନ୍ତିତ ନୁହଁନ୍ତି। ଜନମଙ୍ଗଳ ସରକାରଙ୍କ ଏଭଳି ଉଦାସୀନତା ଆଦୌ ଗ୍ରହଣୀୟ ହେଇ ପାରୁନାହିଁ। ଦୁଃଖର ବିଷୟ ଯେ, ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ସର୍ବାଧିକ। ଏହା ହିଁ ଲୋକତନ୍ତ୍ର ସରକାରର ବିଡମ୍ବନା। ତୈଳ ଦର ଉପରୁ ନା କେନ୍ଦ୍ର ନା ରାଜ୍ୟ କେହି ଟିକସ ହ୍ରାସ କିମ୍ବା ଛାଡ଼ ପାଇ ରାଜି ନୁହଁନ୍ତି। କେନ୍ଦ୍ର ଓ ରାଜ୍ୟ ତୈଳ ଟିକସ ବାବଦରେ ଲିଟର ପିଛା ୨୫ରୁ ୨୭ ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି। ଟିକସ ହ୍ରାସ କଲେ ରାଜକୋଷ ଉପରେ ପ୍ରଭାବ ପଡ଼ିବ। ସାଧାରଣ ଲୋକମାନଙ୍କ ଟିକସରେ ଦେଶ ଚାଲିବ ଓ ନିରଦ ମୋଦିଙ୍କ ଭଳି ଅର୍ଥନୈତିକ ଅପରାଧୀମାନେ ଦେଶକୁ ଲୁଟି ଫେରାର ହୋଇଯିବେ। ୟୁପିଏ ସରକାର ଅମଳରେ ତୈଳ ଦର ବୃଦ୍ଧି ନେଇ ତୁମ୍ବି ତୋଫାନ କରୁଥିବା ଏନ୍‌ଡିଏ ଓ ଅନ୍ୟ ଆଞ୍ଚଳିକ ଦଳଗୁଡିକ ତୈଳ ଦର ବୃଦ୍ଧି ସର୍ବକାଳୀନ ରେକର୍ଡ କରିଥିଲେ ସୁଦ୍ଧା ପ୍ରତିବାଦର ସ୍ୱର ଉଠାଉନାହାନ୍ତି।

ଭାରତ ନିଜର ଆବଶ୍ୟକତାର ଅଶୀ ଶତକଡ଼ା ତୈଳ ବିଦେଶରୁ ଆମଦାନୀ କରିଥାଏ। ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାର ସେପରି କୌଣସି ସଫଳ ଏବଂ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। କେବଳ ଦରବୃଦ୍ଧି କରି ଟିକସ ଆଦାୟ ମାଧ୍ୟମରେ ସରକାର ଜନବିରୋଧୀ ନିଷ୍ପତ୍ତି ନେଉଛନ୍ତି। ତୈଳ କମ୍ପାନୀମାନେ ସରକରାଙ୍କ ହାତ ବାରିସି ସାଜି କାମ କରୁଛନ୍ତି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଭାରତରେ ମଧ୍ୟ ତୈଳ ଦର ବୃଦ୍ଧି ପାଏ, ଯାହା ଘରୋଇ ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଥାଏ। ଦ୍ୱିତୀୟତଃ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହେଲେ ପରିବହନ ଖର୍ଚ୍ଚ ବଢ଼ିଯାଏ ଓ ତାହା ବହୁତ ପ୍ରକାର ଜିନିଷର ଦାମ୍ ବୃଦ୍ଧିର କାରଣ ହୋଇଥାଏ। ଏହିସବୁ ବୋଝ ସାଧାରଣ ଜନତାଙ୍କ ଉପରେ ପଡିଥାଏ।

ଜନମଙ୍ଗଳ ସରକାରମନେ ଚାହିଁଲେ ତୈଳ ଦର ନିୟନ୍ତ୍ରିତ ହୋଇପାରିବ। କାରଣ କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ଉତ୍ପାଦ ଶୁଳ୍କ, ବିକ୍ରି ଶୁଳ୍କ ଏବଂ ମୂଲ୍ୟଯୁକ୍ତ ଟିକସ ! ଆମେରିକା ସଂସ୍ଥା ସିଆଇଏର ରିପୋର୍ଟ ଅନୁସାରେ ଭାରତରେ ପ୍ରତିଦିନ ୩୭ ଲକ୍ଷ ୩୫ ହଜାର ବ୍ୟାରେଲ ତୈଳ ବ୍ୟବହାର କରାଯାଏ। ଏହି ମାମଲାରେ ଆମେରିକା, ଚୀନ୍, ଜାପାନ ପରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଭାରତରେ ତୈଳର ବ୍ୟବହାର ଓ ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସରକାର ଏଥିପାଇଁ କିଛି ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଭାରତରେ ତୈଳ ଦର ଦକ୍ଷିଣ-ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସର୍ବାଧିକ ହୋଇଥିବା ବେଳେ ବିକଶିତ ରାଷ୍ଟ୍ର ଚୀନ, ଆମେରିକା ଓ ଜାପାନ ତୁଳନାରେ ଭାରତରେ ତୈଳ ବ୍ୟବହାର ବିକ୍ରି କମ୍ ନୁହେଁ। ତୈଳ କିପରି ସଞ୍ଚୟ କରାଯାଇପାରିବ ଓ ଆବଶ୍ୟକତା କମ୍ ହୋଇପାରିବ ସେ ଦିଗରେ ମଧ୍ୟ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନାହିଁ କହିଲେ ଚଳେ। ଏକ ଆକଳନ ଅନୁଯାୟୀ ତୈଳ ଉତ୍ପାଦନ ଶୁଳ୍କ ବୃଦ୍ଧି ହେତୁ କେନ୍ଦ୍ର ସରକାରଙ୍କ ୨ ଲକ୍ଷ ୪୨ ହଜାର କୋଟି ରାଜସ୍ୱ ମିଳିଛି। ଯାହା ୨୦୧୪-୧୫ରେ ଏହା ମାତ୍ର ୯୯ ହଜାର କୋଟି ଟଙ୍କା ଥିଲା। କେବଳ ଜନସାଧାରଣଙ୍କ ଉପରେ ଟିକସର ବୋଝ ଲଦି ବିକାଶର ନାରାବାଜି କଲେ କିଛି ଫାଇଦା ନାହିଁ। ତୈଳରେ ଜିଏସ୍‌ଟି କାର୍ଯ୍ୟକାରୀ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ଉଭୟଙ୍କ ସହଯୋଗରେ ହିଁ ତୈଳ ଦର ହ୍ରାସ ହୋଇପାରିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଜିଏସ୍‌ଟି କାର୍ଯ୍ୟକାରୀ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପରିଲକ୍ଷିତ ହେଉଥିବା ବେଳେ ରଜ୍ୟ ସରକାରମାନେ ମୂଲ୍ୟଯୁକ୍ତ ଟିକସ ହ୍ରାସ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତୈଳରୁ ଟିକସ ହ୍ରାସ ଏକମାତ୍ର ବିକଳ୍ପ-ସରକାର ଏ ଦିଗରେ ପଦକ୍ଷେପ ନେବାର ସମୟ ଆସିଛି।

ମୋହିନୀ ଏକାଦଶୀ

ପ୍ରଫେସର ଡାକ୍ତର ଦୟାନିଧି ଦାସ

ଫ୍ରେଣ୍ଡସ୍ କଲୋନୀ, କଟକ,
ଦୂରଭାଷ : ୯୪୩୭୦୧୫୬୭୪

ସରସ୍ୱତୀ ନଦୀ କୂଳରେ ଭଦ୍ରାବତୀ ନାମକ ନଗର ଥିଲା । ଏଠି ଧୃତିମାନ ନାମକ ରାଜା ରାଜୁତି କରୁଥିଲେ । ଏହି ନଗରରେ ଜଣେ ବଣିଆ ରହୁଥିଲା, ତାର ନାଁ ଥିଲା ଧନପାଳ । ସେ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲା ଏବଂ ସର୍ବଦା ପୂଣ୍ୟକର୍ମରେ ଲାଗି ରହୁଥିଲା । ଧନପାଳର ୫ଜଣ ପୁତ୍ର ଥିଲେ ସୁମନା, ଧୃତିକାମ, ମେଧାବୀ, ସୁକୃତ ଏବଂ ଧୃଷ୍ଟବୁଦ୍ଧି । ଧୃଷ୍ଟବୁଦ୍ଧି ସର୍ବଦା ପାପ କର୍ମରେ ଲିପ୍ତ ରହୁଥିଲା । ଅନ୍ୟାୟ ମାର୍ଗରେ ଯାଇ ସେ ନିଜ ପିତାଙ୍କ ଧନ ବରବାଦ କରି ଦେଇଥିଲେ । ଏଣେ ତେଣେ ବୁଲି ବୁଲି ଧୃଷ୍ଟବୁଦ୍ଧି ଶେଷରେ ମହର୍ଷି କୌଡ଼ିନ୍ୟଙ୍କ ଆଶ୍ରମରେ ପହଞ୍ଚିଲା । ହାତଯୋଡ଼ି ମୁନିଙ୍କୁ ପୁଣ୍ୟ ପ୍ରାପ୍ତିର ମାର୍ଗ କହିବା ଲାଗି ଅନୁରୋଧ କଲା । ମହର୍ଷି କୌଡ଼ିନ୍ୟ ତାକୁ ବିଧିପୂର୍ବକ ମୋହିନୀ ଏକାଦଶୀ ବ୍ରତ କରିବାକୁ କହିଲେ । ଏହି ବ୍ରତ ପ୍ରଭାବରେ ସେ ନିଷ୍ପାପ ହୋଇଗଲା ଏବଂ ଗରୁଡ଼ ଉପରେ ବସି ବୈକୁଣ୍ଠପୁରକୁ ଚାଲିଗଲା । ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହନ୍ତି । ଏହି ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ । ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ । ବ୍ରତ ପ୍ରଭାବରୁ ମୋହ ଜାଲରୁ ମଧ୍ୟ ମୁକ୍ତି ମିଳିଥାଏ । ଏଥର ୧୦ ମଇ, ଶନିବାର ମୋହିନୀ ଏକାଦଶୀ ବ୍ରତ ପଡୁଛି । ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ଥିବା ବିଷ୍ଣୁ, ଶ୍ରୀରାମ, ଏପରିକି ଜଗନ୍ନାଥଙ୍କ ମନ୍ଦିରରେ ଏହି ଦିବସକୁ ଆଧାତ୍ମିକ ଭାବଧାରାରେ ପାଳନ କରାଯାଏ । ବିଶେଷକରି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ସର୍ବସମ୍ମତ ମୋହିନୀ ଏକାଦଶୀ ନୀତି ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଏହି ଏକାଦଶୀ ସହିତ ଲକ୍ଷ୍ମୀନାରାୟଣ ବ୍ରତ ପଡୁଥିବାରୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତିର ବ୍ୟବସ୍ଥା ରହିଛି। ସର୍ବସମ୍ମତ ମୋହିନୀ ଏକାଦଶୀ ଚଳିତବର୍ଷ ପୂର୍ବା ଫାଲଗୁନୀ, ସିଂହ ନକ୍ଷତ୍ରରେ ତିଥି ରହିଥିବାରୁ ଏହା ରାଜ୍ୟ ଓ ଦେଶ ପାଇଁ ଅଶେଷ ପୁଣ୍ୟ ଓ ଭାଗ୍ୟଫଳ ପ୍ରଦାନ କରିବ ବୋଲି ପଞ୍ଜିକାରେ ଲିପିବଦ୍ଧ ରହିଛି। ଏହି ଦିବସରେ ଉପବାସ ରହି ହବିଷ ଅନ୍ନ ସେବନ ପୂର୍ବକ ବ୍ରାହ୍ମଣ ମାନଙ୍କୁ ଭୋଜନ ପ୍ରଦାନ ସହ ନରନାରାୟଣ ସେବା କଲେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି ଲୋକବିଶ୍ୱାସ ରହିଛି। ଓଡ଼ିଆ ଆଧାତ୍ମିକ ଭାବଧାରା ଓ ଲୋକବିଶ୍ୱାସରେ ସର୍ବସମ୍ମତ ମୋହିନୀ ଏକାଦଶୀର ଆଧାତ୍ମିକ ତାତ୍ପର୍ଯ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ।

ରାଜନଗରବାସୀଙ୍କ ମନରେ ବିଜୁବାବୁ

ଅଜିତ୍ ନାୟକ

ପୂର୍ବତନ ବିଜେଡ଼ି ଜିଲ୍ଲା ପରିଷଦ ସଦସ୍ୟ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା, ମୋ-୯୭୭୭୯୮୯୮୨୨

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ନିଜର ଅଭୂତ ପୂର୍ବ କାର୍ଯ୍ୟ ପାଇଁ ଆନ୍ତର୍ଜାତିକ ସ୍ତରରେ ପରିଚିତ ହୋଇ ପାରିଥିଲେ। ଏହା ହିଁ ଓଡ଼ିଆ ମାନଙ୍କ ପାଇଁ ଗର୍ବ ଓ ଗୌରବର କଥା। ବାସ୍ତବତା ଦେଖାଗଲେ, ଏପର୍ଯ୍ୟନ୍ତ କୌଣସି ଓଡ଼ିଆ ବିଜୁ ପଟ୍ଟନାୟକଙ୍କ ଭଳି ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରି ପାରି ନାହାନ୍ତି। ଯୁଗ ଯୁଗ ପାଇଁ ସେ ଓଡ଼ିଆ ଜାତିର ପରିଚୟ କୁ ବିଦେଶରେ ମଧ୍ୟ ପରିଚିତ କରାଇଛନ୍ତି। ୧୯୪୮ ମସିହାରେ ଜବାହାର ଲାଲ୍ ନେହରୁଙ୍କର ପରାମର୍ଶ କ୍ରମେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ସେଠାକାର ପ୍ରଧାନମନ୍ତ୍ରୀ ସାହାରିୟର୍ ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଡ଼ଚ୍ ମାନଙ୍କ କବଳରୁ ଏକ ଡ଼ାକୋଟା ପ୍ଲେନ୍‌ରେ ଉଠାଇ ଆଣି ଦିଲ୍ଲୀରେ ପହଂଚାଇ ଥିଲେ। ଏଥିଯୋଗୁ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ପାଇଁ ୧୯୭୩ ରେ ତାଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରାଯାଇଥିଲା। ଏହି ଉପାଧି ତାଙ୍କୁ ଆନ୍ତର୍ଜାତିକ ଖ୍ୟାତି ପ୍ରଦାନ କରିଥିଲା। ୧୯୬୨ ଭାରତ-ଚୀନ୍ ଯୁଦ୍ଧ ବେଳେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଯୁଦ୍ଧ ପରାମର୍ଶଦାତା ନିଯୁକ୍ତ ଏବଂ ସୈନ୍ୟବାହିନୀକୁ ଖାଦ୍ୟ ପୁଡ଼ିଆ ଯୋଗାଣ କଳିଙ୍ଗ ଏୟାରଲାଇନ୍ସ ଉପରେ ନ୍ୟସ୍ତ କରାଯାଇଥିଲା। ୧୯୬୫ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସପ୍ତମ ନୌସେନା ଦ୍ୱାରା ଆକ୍ରମଣକୁ ଏଡ଼ାଇବା ପାଇଁ ବିଜୁ ପଟ୍ଟନାୟକଙ୍କ ଇଣ୍ଡୋନେସିଆ ଯାତ୍ରା ତାଙ୍କ ଆନ୍ତର୍ଜାତିକ କୂଟନୀତିର ପରିଚୟ ପ୍ରଦାନ କରେ। ବ୍ରିଟିସ୍ ବିମାନ ବାହିନୀର ପାଇଲଟ୍ ଭାବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମସ୍କୋ, ଚୁନ୍‌କିଂ ଓ ଅନ୍ୟାନ୍ୟ ପ୍ରମୁଖ ଯୁଦ୍ଧକ୍ଷେତ୍ର ଗୁଡ଼ିକୁ ଅନେକ ଥର ଦୁଃସାହସିକ ଅଭିଯାନରେ ବିଜୁ ପଟ୍ଟନାୟକ ଯାତ୍ରା କରିଥିଲେ ଓ ଋଷିୟ ମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଚୀନ୍ ଦ୍ୱାରା ମଧ୍ୟ ସମ୍ମାନୀତ ହୋଇଥିଲେ। ଭାରତର ଗୌରବ ଓ ସ୍ୱାଭିମାନକୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠା ପାଇଁ ସେ ପ୍ରୟାସ କରିଥିଲେ। ସେହି ବିଶ୍ୱ ବିଖ୍ୟାତ ବ୍ୟକ୍ତିଙ୍କ ମହାପ୍ରୟାଣରେ ତାଙ୍କ ମର ଶରୀର ଉପରେ ଥିବା ଋଷିଆ, ଇଣ୍ଡୋନେସିଆ ଓ ଭାରତର ଜାତୀୟ ପତାକା କେବଳ ଜଣେ ଓଡ଼ିଆ କାହିଁକି, କୌଣସି ଭାରତୀୟଙ୍କ ଭାଗ୍ୟରେ ମଧ୍ୟ ଜୁଟିନାହିଁ। ବିଜୁ ବାବୁ କେବଳ ଓଡ଼ିଶାକୁ ଭଲ ପାଉନଥିଲେ, ସେ ଭାରତ ଓ ସମଗ୍ର ବିଶ୍ୱକୁ ଭଲ ପାଉଥିଲେ। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ହେଉଛି ବିଜୁବାବୁଙ୍କ କର୍ମଭୂମି ତଥା ଉତ୍ଥାନ-ପତନର ମୂକସାକ୍ଷୀ। ପ୍ରଖ୍ୟାତ ସମାଜବାଦୀ ନେତା ସୁରେନ୍ଦ୍ର ଦ୍ୱିବେଦୀ ଏଠାରୁ ସଂସଦୀୟ ନିର୍ବାଚନରେ ୩ଥର ଜିତି ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ୧୯୭୧ରେ ଶ୍ରୀ ଦ୍ୱିବେଦୀ କଂଗ୍ରେସ ଦଳରେ ଯୋଗ ଦେବାରୁ ଲୋକେ ତାଙ୍କୁ ଗ୍ରହଣ କଲେ ନାହିଁ। ଫଳରେ ୧୯୭୧ ନିର୍ବାଚନରେ ଏଠାରୁ ଏକମାତ୍ର ଅଣକଂଗ୍ରେସ ପ୍ରାର୍ଥୀ ବିଶିଷ୍ଟ କଥାକାର ସ୍ୱର୍ଗତ ସୁରେନ୍ଦ୍ର ମହାନ୍ତି ବିଜୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ କଂଗ୍ରେସ ଦଳରୁ ଜିତି ସଂସଦକୁ ଯାଇଥିଲେ। ୧୯୬୭ ବିଧାନସଭା ନିର୍ବାଚନରେ ବିଜୁବାବୁ ଭୁବନେଶ୍ୱର, ଚୌଦ୍ୱାର, ଭଞ୍ଜନଗର ଓ ପାଟକୁରା ସମେତ ୫ ଆସନରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ବିଜୁବାବୁ ସମସ୍ତ ୫ ଆସନରୁ ହାରିଥିଲେ।

୧୯୭୧ ମସିହାରେ ରାଜନଗର ଅଂଚଳରେ ଭୟଙ୍କର ବାତ୍ୟା ହେଲା। ବିଜୁବାବୁ ନିଜେ ହେଲିକପ୍ଟର୍‌ରେ ଯାଇ ଲୋକଙ୍କ ପାଖରେ ଠିଆ ହେଲେ ଓ ଅକାତରେ ସାହାଯ୍ୟ କଲେ। ସେଠାରେ ବିଧାୟକ ପ୍ରହ୍ଲାଦ ମଲ୍ଲିକ ଇସ୍ତଫା ଦେଇ ମଧ୍ୟବର୍ତ୍ତୀ ନିର୍ବାଚନରେ ବିଜୁବାବୁଙ୍କୁ ସେଠାରୁ ପ୍ରାର୍ଥୀ କଲେ ଓ ସେଠାରୁ ହିଁ ବିଜୁବାବୁ ରାଜନୀତିରେ ନିଜର ପ୍ରଭାବ ଫେରି ପାଇଲେ। ୧୯୭୪ ରେ ବିଜୁବାବୁ ପୁଣି ସେଠାରୁ ଉତ୍କଳ କଂଗ୍ରେସ ଦଳରୁ ଜିତିଲେ। ୧୯୭୭ରେ ସେ କେନ୍ଦ୍ରୀୟ ରାଜନୀତିକୁ ପ୍ରସ୍ଥାନ କରିବାରୁ ତାଙ୍କର ଅନୁଗତ ନଳିନିକାନ୍ତ ମହାନ୍ତିଙ୍କୁ ରାଜନଗର ଆସନ ଛାଡ଼ିଦେଲେ, ଯେଉଁଠାରୁ ନଳିନି ୭ଥର ଜିତି ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲେ। ୧୯୭୭, ୧୯୮୦ ଓ ୧୯୮୪ରେ ବିଜୁବାବୁ କେନ୍ଦ୍ରାପଡ଼ା ସଂସଦୀୟ ଆସନରୁ ସଂସଦକୁ ଯାଇଥିଲେ। ୧୯୮୫ ନିର୍ବାଚନରେ ବିଜୁବାବୁ ରାଜ୍ୟ ରାଜନୀତିକୁ ଫେରିବାରୁ ସେହି ଆସନଟି ତାଙ୍କର ଅନୁଗତ ଶରତ ଦେବଙ୍କୁ ଦେଇଥିଲେ। ଏହା ପରେ ୧୯୮୯ ଓ ୧୯୯୧ରେ ଏହି ଆସନରୁ ବିଶିଷ୍ଟ ସମାଜବାଦୀ ନେତା ରବି ରାୟ ସଂସଦକୁ ଯାଇ ଲୋକସଭାର ବାଚସ୍ପତି ହୋଇଥିଲେ। ୧୯୯୬ରେ ଶ୍ରୀକାନ୍ତ ଜେନା, ୧୯୯୮ ଓ ୧୯୯୯ ନିର୍ବାଚନରେ ପ୍ରଭାତ ସାମନ୍ତରାୟ, ୨୦୦୪ରେ ଅର୍ଚ୍ଚନା ନାୟକ ବିଜେଡ଼ିରୁ ସଂସଦକୁ ଯାଇଥିଲେ। ୨୦୦୯ ଓ ୨୦୧୪ରେ ବୈଜୟନ୍ତ ପଣ୍ଡା ବିଜେଡ଼ିରୁ ସଂସଦକୁ ନିର୍ବାଚିତ ହୋଇଥିଲେ।

ଆଜିକୁ ୨୧ ବର୍ଷ ତଳେ ନିଜର ଅତି ପ୍ରିୟ ନେତାଙ୍କ ଦେହାନ୍ତ ଭଳି ଏକ ଦାରୁଣ ଖବରକୁ ସାରା ଦେଶରେ ଭରି ରହିଥିବା ତାଙ୍କର ସମର୍ଥକ, ଶୁଭେଚ୍ଛୁମାନେ ହଠାତ୍ ବିଶ୍ୱାସ କରିପାରିଲେନି। ବାସ୍ତବରେ ମଣିଷ ପରି ମଣିଷଟିଏ ଥିଲେ ସିଏ,କୋଟିକରେ ଗୋଟିଏ। ଏହି ଖବରରେ ପ୍ରଚଣ୍ଡ ମର୍ମାହତ ମୋର ମନ ବି ଈଶ୍ୱରଙ୍କ ପ୍ରତି ବିଦ୍ରୋହୀ ହୋଇ ଉଠିଥିଲା। ସେହି ମହାନ୍ ଜନନାୟକଙ୍କ ସହିତ ବିତାଇଥିବା ଅନେକ ଅଭୁଲା ମୁହୂର୍ତ୍ତ ଆଜି ବି ମୋ ମନରେ ଜୀବନ୍ତ ହୋଇ ରହିଛି। ୧୯୮୪ ସାଧାରଣ ନିର୍ବାଚନରେ ରାଜ୍ୟର ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କେବଳ କେନ୍ଦ୍ରାପଡ଼ା ଆସନରୁ ବିଜୁବାବୁ ବିଜୟୀ ହୋଇଥିଲେ। ସେତେବେଳକୁ ମୁଁ ମେଟ୍ରିକ୍ ପରୀକ୍ଷା ଦେଇ ସାରିଥିଲି। ବଡ଼ବଡ଼ ଲୋକଙ୍କ ସହିତ ମିଶିବାକୁ ଓ ନେତା ହେବାକୁ ମୋର ଅଭିଳାଷ ଥିଲା। ବିଜୁବାବୁ କଳିଙ୍ଗ ରଥରେ ପଟ୍ଟାମୁଣ୍ଡାଇର ଡ଼ାକବଙ୍ଗଳା ଛକରେ ପହଂଚିଲେ। ମୋର ଜଣେ ଭଉଣୀ ଦ୍ୱାରା ପ୍ରସ୍ତୁତ ୨୦ ଫୁଟ୍ ଲମ୍ବର ଗେଣ୍ଡୁ ଫୁଲ ମାଳ ନିଜ ହାତରେ ପିନ୍ଧାଇଥିଲି। ବିଜୁବାବୁ ମତେ ଖୁସିରେ କୁଣ୍ଢାଇ ପକାଇଥିଲେ। କହିଥିଲେ, ଭୁବନେଶ୍ୱର ଆସି ମତେ ଦେଖା କର। ଏହାର କିଛିଦିନ ପରେ ମୁଁ ତାଙ୍କ ପାଖରେ ପହଂଚିଲି। ସେତେବେଳେ ମୋର ବୟସ ୧୭। ଦୀର୍ଘ ୬ବର୍ଷ ଧରି ତାଙ୍କ ଘରେ କାମଧନ୍ଦା ଓ ବୋଲହାକ କରିଛି। ବିଜୁବାବୁ ବିରୋଧୀ ଦଳ ନେତା ଥିଲାବେଳେ ପ୍ରଭାତ ସାମନ୍ତରାୟଙ୍କ ଜରିଆରେ ପିପିଏଲ୍‌ରେ ଚାକିରି କରିବାକୁ ଚିଠି କଲେ। କିନ୍ତୁ କୌଣସି କାରଣରୁ ଚାକିରି ହେଲା ନାହିଁ। ୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେଲା ପରେ ମୁଁ ବାରମ୍ବାର ବିଜୁବାବୁଙ୍କୁ ଭେଟି ଚାକିରି କଥା କହିଲି। କିନ୍ତୁ ସେ ମୋ ଗାଲରେ ଦି ଚାପୁଡ଼ା ମାରି କହିଲେ, ଚାକିରି ଠାରୁ ବ୍ୟବସାୟ ଭଲ। ତୁ ମନପ୍ରାଣ ଦେଇ ବ୍ୟବସାୟ କର। ସେଦିନ ଠାରୁ ମୁଁ ବ୍ୟବସାୟ ଆରମ୍ଭ କଲି। ବହୁ ପରିଶ୍ରମ କରି ଆଜି ସଫଳ ହୋଇଛି। ୨୦୦୨ ରେ ପ୍ରଥମ କରି ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୫ ନମ୍ବର ଜୋନ୍‌ରେ ମୁଁ ଏକାକୀ ବିଜେଡ଼ି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲି। ବାସ୍ତବରେ ରାଜନଗର ପ୍ରତି ବିଜୁବାବୁଙ୍କର ସ୍ୱତନ୍ତ୍ର ଆକର୍ଷଣ ଥିଲା। ରାଜନଗରର ପ୍ରତ୍ୟେକ ମଣିଷକୁ ସେ ନିବିଡ଼ ଭାବରେ ଭଲ ପାଉଥିଲେ। ତେଣୁ ଯେଉଁ ରାଜନଗର ତାଙ୍କର କର୍ମଭୂମି ଥିଲା, ସେହି ଅଂଚଳରେ ତାଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଟିଏ ତିଆରି ପାଇଁ ମୁଁ ସଂକଳ୍ପ ନେଇଛି। ସ୍ଥାନୀୟ ବିଜୁପ୍ରେମୀଙ୍କ ସହଯୋଗରେ ଏହା ସମ୍ଭବ ହେବ ବୋଲି ଆଶା ରଖିଛି। ହୁଏତ ସେହି ମହା ମାନବଙ୍କର ପ୍ରତିମୂର୍ତ୍ତି ଟିଏ ସବୁବେଳେ ଦେଖି ରାଜନଗର ବାସୀଙ୍କ ହୃଦୟରେ ବିଜୁବାବୁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଭାବୁଛି।

ମୁଁ ଦୀର୍ଘ ୬ବର୍ଷ ଧରି ତାଙ୍କ ସହିତ ମିଶିଛି। ଅଭିଭୂତ ହୋଇଛି ତାଙ୍କର ଅମାୟିକତ୍ୱ ଓ ମଣିଷ ପଣିଆ ଦେଖି। ମାନବିକତାର ପ୍ରଲେପ ସ୍ପଷ୍ଟ ବାରି ହୋଇଯାଏ ତାଙ୍କ ଭିତରେ। ସବୁବେଳେ ସେ ଜଣାପଡ଼ନ୍ତି ଯେମିତି ସବୁଥିରେ ଥାଇ କୋଉଥିରେ ନଥାନ୍ତି। ସମସ୍ତଙ୍କ ପାଇଁ ସେ ପାଲଟି ଯାଇଥିଲେ ଯେମିତି ଦରଦୀ ରାଜନୀତିକ ନେତା ଓ ଏକ ସଫଳ ମଣିଷର ସଜ୍ଞା। ମୃତ୍ୟୁ ଚିରନ୍ତନ ସତ୍ୟ। ଏହା ଯେତେ ନିଷ୍ଠୁର ଓ କଠୋର ଲାଗିଲେ ବି ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ। ତାଙ୍କର ପାର୍ଥିବ ଶରୀର ସିନା ପଂଚଭୂତରେ ଲୀନ ହୋଇଯାଇଛି, ହେଲେ ତାଙ୍କର ଅଭୂତପୂର୍ବ କାର୍ଯ୍ୟ, ବନ୍ଧୁ ବତ୍ସଳତା ଓ ହସ ହସ ମୁହଁ ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

ପରିବେଶ ପ୍ରଦୂଷଣ ଆଧୁନିକ ସମାଜର ମୁଣ୍ଡବ୍ୟଥା

ଶିଳ୍ପ ଓ ତତ୍‌ଜନିତ କାରଣରୁ ସମଗ୍ର ବିଶ୍ୱରେ ଯେଉଁ ପରିବେଶ ପ୍ରଦୂଷଣ ବଢୁଛି ତାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ବିଷାକ୍ତ ପଦାର୍ଥ ଓ ଗ୍ୟାସ୍‌ମିଶି ପୃଥିବୀକୁ ସୂର୍ଯ୍ୟର କ୍ଷତିକାରକ ବାଇଗଣୀ ରଶ୍ମିରୁ ରକ୍ଷା କରୁଥିବା 'ଓଜୋନ୍' ଆସ୍ତରଣକୁ କ୍ଷତି ପହଂଚାଉଛି। ଏହାକୁ ରୋକିବାପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ଅପରିହାର୍ଯ୍ୟ । ଏହାର ପ୍ରଭାବରେ ବିଶ୍ୱର ତାପମାତ୍ରା ବଢ଼ିବାସହ ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଆସିଲାଣି । ତେଣୁ ତୁରନ୍ତ ଏହି ପ୍ରଦୂଷଣକୁ ନ'ରୋକିଲେ ସମଗ୍ର ବିଶ୍ୱ ଧ୍ୱଂସମୁଖକୁ ଠେଲି ହୋଇଯିବ। ଆମେରିକୀୟ ସୂଚନା ପ୍ରଶାସନର ତଥ୍ୟ ଅନୁସାରେ ୨୦୧୨ ସୁଦ୍ଧା ବିଶ୍ୱର ସର୍ବାଧିକ ପାଂଚଟି ପ୍ରଦୂଷଣକାରୀ ରାଷ୍ଟ୍ର ମଧ୍ୟରେ କ୍ରମାନ୍ୱୟରେ ଅଛନ୍ତି ଚୀନ, ଆମେରିକା, ଭାରତ, ରୁଷିଆ ଓ ଜାପାନ। ଚୀନ ବର୍ଷକୁ ସର୍ବାଧିକ ୮୫୪୭ ନିୟୁତ ଟନ୍ ଅଙ୍ଗାର ଓ ଅମ୍ଳାଦି ବାୟୁମଣ୍ଡଳକୁ ଛାଡୁଛି । ଏ କ୍ଷେତ୍ରରେ ଆମେରିକାର ବାର୍ଷିକ ଅଙ୍ଗାର ପରିମାଣ ୫୨୭୦ ନିୟୁତ ଟନ ହୋଇଥିବାବେଳେ ଭାରତର ଭାଗ ୧୮୩୦ ନିୟୁତ ଟନ୍। ରୁଷିଆ ୧୭୮୧ ନିୟୁତ ଟନ ଛାଡୁଥିବାବେଳେ କ୍ଷୁଦ୍ର ଅଥଚ ଶିଳ୍ପୋନ୍ନତ ରାଷ୍ଟ୍ର ଜାପାନ ଛାଡୁଛି ୧୨୫୯ ନିୟୁତ ଟନ। ଏହି ବୃହତ୍ ପଂଚ-ପ୍ରଦୂଷଣକାରୀଙ୍କ ବ୍ୟତୀତ ଅନ୍ୟାନ୍ୟ ରାଷ୍ଟ୍ରଗୁଡିକ ମଧ୍ୟ ଅଛନ୍ତି। ସେଥି ମଧ୍ୟରୁ ୟୁରୋପୀୟ ରାଷ୍ଟ୍ରଗୁଡିକ ଯଥେଷ୍ଟ ଆଗରେ। ସମସ୍ତଙ୍କର ପ୍ରଦୂଷଣ ତାଲିକାକୁ ହିସାବକଲେ ଆଉ ବର୍ଷ କେଇଟାରେ ସାରା ପୃଥିବୀ ଯେ ଅଙ୍ଗାର ଓ ବିଷାକ୍ତ ବାଷ୍ପମୟ ହୋଇଯିବ ଏଥିରେ ସନ୍ଦେହର ଅବକାଶ ନାହିଁ। ଶିଳ୍ପସଂସ୍ଥାରେ କୋଇଲା ଓ ଗାଡ଼ିମଟରରେ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନ ବ୍ୟବହାର ଯୋଗୁଁ ଏହି ପ୍ରଦୂଷଣ ବଢୁଛି । ଏଣୁ ଅଣଜୀବାଶ୍ମ ଇନ୍ଧନ ବ୍ୟବହାର କରିବାକୁ ବିଶ୍ୱବ୍ୟାପୀ ସ୍ୱର ଉଠୁଛି। ସେଥିପାଇଁ ବିଜୁଳି ଭଳି ସ୍ୱଚ୍ଛ ତଥା ଅଣପ୍ରଦୂଷଣକାରୀ ଶକ୍ତି ବା ଇନ୍ଧନ ଉପରେ ଗୁରୁତ୍ୱ ଦିଆଯାଉଛି; ହେଲେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଯୁକ୍ତି ହେଲା ସେମାନଙ୍କ ପାଖରେ ଆବଶ୍ୟକ ସମ୍ବଳ ଓ ଜ୍ଞାନକୌଶଳ ନଥିବାରୁ ସେମାନେ ପାରମ୍ପରିକ ପ୍ରଦୂଷଣକାରୀ ଇନ୍ଧନ ବ୍ୟବହାର କରୁଛନ୍ତି। ଏହା ମଧ୍ୟ ଅଯୌକ୍ତିକ ନୁହେଁ। ତେବେ ଯାହା ବି ହେଉ ସତ୍ୟତା ହେଉଛି ଏଥି ପାଇଁ ଅଧିକ ଗରୀବ ଓ ସାଧାରଣ ଲୋକ ବସବାସ କରୁଥିବା ଭାରତ ଓ ଚୀନ ଅଧିକ ପ୍ରଭାବିତ ହେଉଛନ୍ତି। ବିଶ୍ୱର ୯୫ ପ୍ରତିଶତ ଲୋକେ ଦୂଷିତ ବାୟୁ ଗ୍ରହଣ କରିବାକୁ ବାଧ ହେଉଥିବାବେଳେ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ସାଂଘାତିକ ଭାବେ ବୃଦ୍ଧି ପାଇଛି । ବିଶ୍ୱରେ ପ୍ରଦୂଷଣ ଯୋଗୁଁ ମୃତ୍ୟୁମୁଖରେ ପଡୁଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଭାରତ ଏବଂ ଚୀନର ବୋଲି ଜଣାପଡ଼ିଛି । ଏ ବାବଦରେ ଅନୁସନ୍ଧାନମୂଳକ ରିପୋର୍ଟ ଆମେରିକାର ହେଲ୍‌ଥ ଇଫେକ୍ଟସ ଇନ୍‌ଷ୍ଟିଚ୍ୟୁଟ୍ ଜାରି କରିଛି । ପ୍ରଦୂଷଣ ପାଇଁ ଗରିବ ଶ୍ରେଣୀର ଲୋକେ ବହୁଳ ଭାବେ ପ୍ରଭାବିତ ହେଉଛନ୍ତି । ସର୍ବାଧିକ ପ୍ରଦୂଷଣ ଓ ସର୍ବନିମ୍ନ ପ୍ରଦୂଷଣ ହେଉଥିବା ରାଷ୍ଟ୍ରଙ୍କ ମଧ୍ୟରେ ତଫାତ ବହୁତ ବଢ଼ିଚାଲିଛି । ବିଶ୍ୱବ୍ୟାପୀ ସହରାଂଚଳରେ ରହୁଥିବା ପ୍ରାୟେ ଶହେ କୋଟି ଲୋକ ପ୍ରଦୂଷିତ ବାୟୁ ଗ୍ରହଣ କରୁଛନ୍ତି । ଭାରତ ପାଇଁ ଏଭଳି ତଥ୍ୟ ଅତି ସାଂଘାତିକ। କଳକାରଖାନାର ଚିମିନି ଧୂଆଁ, ସେଠାରୁ ନିଷ୍କାସିତ ଦୂଷିତ ପଦାର୍ଥ, ଯାନବାହନରୁ ନିର୍ଗତ ଦୂଷିତ ବାଷ୍ପ ମୁଖ୍ୟତଃ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ବାୟୁମଣ୍ଡଳ ଯେଉଁସବୁ ପଦାର୍ଥକୁ ନେଇ ପ୍ରଦୂଷିତ ହେଉଛି ସେଗୁଡ଼ିକ ହେଲା:- (୧) ପି.ଏମ୍ ୨.୫ ଓ ପି.ଏମ୍ ୧୦ । ଏଗୁଡ଼ିକ କ୍ଷୁଦ୍ର ଗୁଣ୍ଡଯୁକ୍ତ ବସ୍ତୁ ଯାହା ବାୟୁମଣ୍ଡଳରେ ଝୁଲନ୍ତା ଅବସ୍ଥାରେ ରହିଥାଆନ୍ତି ଓ ଦୃଷ୍ଟିଗୋଚର ହୁଅନ୍ତି ନାହିଁ, (୨) କାର୍ବନ୍ ମନୋକ୍ସାଇଡ୍, (୩) ସଲ୍‌ଫର ଡାଇଅକ୍ସାଇଡ, (୪) ନାଇଟ୍ରୋଜେନ୍ ଅକ୍ସାଇଡ୍, (୫) ହାଇଡ୍ରୋକାରବନ୍, (୬) ଓଜୋନ, (୭) ଆମୋନିଆ (୮) ଲିଡ୍। ଆମ ଦେଶର ବିଭିନ୍ନ ପ୍ରମୁଖ ସହରରେ ଚଳିତବର୍ଷ ଜୁନ୍ ମାସରେ କାର୍ଯ୍ୟକାରୀ ହୋଇଥିବା ବାୟୁ ଗୁଣବତା ସୁଚକାଙ୍କର ଠିକ୍ ଏକ ମାସପରେ ପ୍ରକାଶ କରାଯାଇଥିବା ସୂଚକାଙ୍କରୁ ଜଣାପଡ଼ିଛି, ଯେ ଚେନ୍ନଇ ଓ କାନପୁର ସହରରେ ଏହା ମଧ୍ୟମ ସ୍ତରରେ, ଆଗ୍ରା, ଲକ୍ଷ୍ନୌ, ବାରାଣସୀ, ଅହମ୍ମଦାବାଦ, ହାଇଦ୍ରାବାଦ ଓ ବେଙ୍ଗାଲୁରରେ ଏହା ସନ୍ତୋଷଜନକ ସ୍ତରରେ ଥିବାବେଳେ ଦିଲ୍ଲୀ ଓ ଫରିଦାବାଦରେ ପି.ଏମ ୨.୫ ଓ ପି.ଏମ୍ ୧୦ (କ୍ଷୁଦ୍ର ଭାସମାନ ପଦାର୍ଥ) ଯୋଗୁଁ ଏହା ଅତ୍ୟନ୍ତ ନିମ୍ନ ସ୍ତରର ହୋଇଛି ଯାହା ସେଠାକାର ବାୟୁମଣ୍ଡଳକୁ ଏକ ଉଦ୍‌ବେଗଜନକ ପରିସ୍ଥିତିରେ ପକାଇଛି । ଚିକାଗୋସ୍ଥିତ ଶକ୍ତି ନୀତି ପ୍ରତିଷ୍ଠାନର ଫେବୃୟାରୀ ୨୦୧୫ରେ ପ୍ରକାଶିତ ରିପୋର୍ଟରେ ଆମ ଦେଶର ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ଓ ଜନମାନସ ଉପରେ ଏହାର କୁପ୍ରଭାବ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଆମ ଦେଶର ୬୬କୋଟି (ଅର୍ଦ୍ଧାଧିକ) ଲୋକ ପ୍ରଦୂଷିତ ଭାସମାନ ପଦାର୍ଥ ପି.ଏମ୍ ୨.୫ ଅଂଚଳରେ ବସବାସ କରୁଛନ୍ତି ଯାହା ଜାତୀୟ ବାୟୁ ସୂଚକାଙ୍କ ମାନଠାରୁ ନିମ୍ନରେ । ଏଥିରୁ ଜଣାପଡ଼ିଛି ଯେ ସହରାଂଚଳର ପ୍ରଦୂଷିତ ବାୟୁ ଗ୍ରାମାଂଚଳକୁ ବ୍ୟାପିବା ଯୋଗୁଁ ସେଠାକାର ଅଧିବାସୀମାନେ ମଧ୍ୟ ଅଧିକମାତ୍ରାରେ ସଂକ୍ରମିତ ହେଉଛନ୍ତି । ଏଠାରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ ମାତ୍ରାଧିକ ପ୍ରଦୂଷଣ ମନୁଷ୍ୟ ଜୀବନର ଆୟୁଷକୁ ହାରାହାରି ୩.୨ ବର୍ଷ ହ୍ରାସ କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୨୦୧୪ ମସିହାରେ ୧୬୦୦ଟି ସହରରେ କରାଯାଇଥିବା ସର୍ବେକ୍ଷଣରେ ଦର୍ଶାଯାଇଛି ଯେ ବିଶ୍ୱରେ ମାତ୍ରାଧିକ ପ୍ରଦୂଷିତ ୨୦ଟି ସହର ମଧ୍ୟରୁ ୧୩ଟି ସହର କେବଳ ଭାରତବର୍ଷରେ ଅବସ୍ଥିତ ଓ ତନ୍ମଧ୍ୟରୁ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର। ପ୍ରଦୂଷିତ ପରିବେଶରେ ବାସ କରୁଥିବା ଯୋଗୁଁ ଲୋକମାନେ ନାନା ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି । ଏଥିଯୋଗୁଁ ମୁଖ୍ୟତଃ ଶିଶୁ, ଗର୍ଭବତୀ ମହିଳା ବୟସ୍କ ବ୍ୟକ୍ତି ଓ ରୋଗାକ୍ରାନ୍ତମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଦୂଷିତ ବାୟୁ ମସ୍ତିଷ୍କ ସଂଘାତର କାରଣ ହୋଇପାରେ ବୋଲି 'ଷ୍ଟ୍ରୋକ୍' ନାମକ ଏକ ଗବେଷଣାମୂଳକ ପତ୍ରିକାରେ ପ୍ରକାଶ ପାଇଛି । ତାପଜ ଶକ୍ତି କେନ୍ଦ୍ର, ରସାୟନିକ ଶିଳ୍ପ କାରଖାନା, ଅଧିକ ଯାନବାହନ ଚଳାଚଳ କରୁଥିବା ରାସ୍ତା ପାଖରେ ବସବାସ କରୁଥିବା ବ୍ୟକ୍ତି ମସ୍ତିଷ୍କ ସଂଘାତରେ ଆକ୍ରାନ୍ତ ହେବା ଆଶଙ୍କା ଅଧିକ ବୋଲି ଏଥିରେ ପ୍ରକାଶିତ ହୋଇଛି ।